SAMBAD, 1.11.24, P.6

'ଭିସ୍ୱଟ୍ ବୀର ରେସର୍ସ' ପକ୍ଷରୁ ଫର୍ମୁଲା ଷ୍ଟୁଡେଣ୍ଟ ଇଭି ଯାନ ପ୍ରଦର୍ଶିତ

ସମ୍ବଲପୁର, ୩୧।୧୦(ଇମିସ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ବୀର ରେସର୍ସ କ୍ଲବ୍ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଷ୍ଟାର୍ଟଅପ୍ ଆଣ୍ଡ ଏଣ୍ଟରପ୍ରିନରସିପ୍ ସମିଟରେ ଇଲେକ୍ଟ୍ରିକ ମୋବିଲିଟି ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କ୍ଲବ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଅତ୍ୟାଧୁନିକ ରେସିଂ କାରର ବିକଳ୍ପ ଭାବେ ଫର୍ମୁଲା ଷ୍ଟୁଡେଣ୍ଟ ଇଲେକ୍ଟ୍ରିକ୍ ଭେହିକଲ୍ ପ୍ରଦର୍ଶନୀରେ ସାମିଲ୍ ହୋଇଥିଲା। ଇଭି ସମ୍ପର୍କିତ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଏହି କାରର ସ୍ୱତନ୍ତ୍ରତା ବେଶ୍ ଗ୍ରହଣୀୟ ହୋଇଥିଲା। ଏହାସହିତ ଟିମ୍ ବୀର ରେସର୍ସର ସଦସ୍ୟମାନେ ବିଭିନ୍ନ କମ୍ପାନି ତଥା ବିଶେଷଜ୍ଞଙ୍କ ସହ ଆଲୋଚନା କରିବାର ବି ସୁଯୋଗ ପାଇଥିଲେ। କୁଳପତି ପ୍ରଫେସର ଦୀପକ ସାହୁଙ୍କ ତତ୍ତ୍ୱାବଧାନରେ ଡିନ୍ ପ୍ରଫେସର ଆର୍‌ଆର୍ ଦାଶ, ଡ. ଏସ୍. ଆର୍. ଦାଶ, ଡ. ଦେବାଶିଷ ତ୍ରିପାଠୀ, ତୃପ୍ତିରଞ୍ଜନ ମହାପାତ୍ର, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଏହି ଇଲେକ୍ଟ୍ରିକ୍ ରେସିଂ କାର୍ ପ୍ରସ୍ତୁତିର ତତ୍ତ୍ୱାବଧାନ କରିଥିଲେ।

